## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ୨ ଗୁରୁତର

ପାପଡ଼ାହାଣ୍ଡି,୧୦।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କଣ୍ଟାମାଳ ପଞ୍ଚାୟତ ବଟକରି ଗ୍ରାମରେ ଶନିବାର ମହୁମାଛି ଆକ୍ରମଣରେ ୨ ଜଣ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମମତା ହରିଜନ ଓ ସୁଭଦ୍ରା ନାୟକଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଉଭୟ ଉପରସାହିର ପୋଖରୀରେ ଗାଧୋଇବାକୁ ଯାଇଥିବା ସମୟରେ ନିକଟସ୍ଥ ଗଛରେ ଥିବା ମହୁମାଛି ସେମାନଙ୍କୁ ଆକ୍ରମଣ କରିଥିଲା। ସୁଭଦ୍ରା ଦୌଡ଼ି ଦୌଡ଼ି ଘରକୁ ଚାଲି ଆସିଥିଲେ। ମମତା ଭୟରେ ପାଣି ଭିତରକୁ ଡେଇଁ ନିଜର ଜୀବନ ରକ୍ଷା କରିଥିଲେ। ପରେ ଗ୍ରାମବାସୀ ସେମାନଙ୍କୁ ପାପଡ଼ାହାଣ୍ଡି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି।

### ଗଞ୍ଜେଇ ରଖିବା ଅଭିଯୋଗରେ ଜଣେ ଗିରଫ

ଉମରକୋଟ, ୧୦।୧୨(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ କାରାଗାଁର ସୋମା ଭତ୍ରାଙ୍କୁ ଉମରକୋଟ ଅବକାରୀ ବିଭାଗ ଗଞ୍ଜେଇ ରଖିବା ଅଭିଯୋଗରେ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଛି। ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ଗଙ୍ଗା ପାଇକରାୟଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ଅବକାରୀ ନିରୀକ୍ଷକ ହରିହର ସିଂଙ୍କ ତତ୍ତ୍ୱାବଧାନରେ ଉମରକୋଟ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ମନୁ ଆୟାଲ ଏହି ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଏଏସ୍ଆଇ ସୁନାଧର କିର୍ଷାନୀ, ଏଏସ୍ଆଇ କୁଶ ଜାଲ, ସୁରେନ୍ଦ୍ର ପଣ୍ଡା, ଦେବାଶିଷ ଦାଶ, ଜ୍ୟୋତ୍ସ୍ନା ହରିଜନ, କାଳୀମଣି ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

### ରସାୟନ ବିଭାଗର ସେମିନାର




ଉମରକୋଟ, ୧୦।୧୨(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ରସାୟନ ବିଭାଗ ପକ୍ଷରୁ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ଜି.ଧର୍ମେନ୍ଦ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସେମିନାରରେ ଯୁକ୍ତ ୩ର ଅଂଶିକା ସ୍ୱାଇଁ, ଜଗମୋହନ ସାହୁ, ସୌରଭ ମଜୁମଦାର, ଆକାଶ ବିଶ୍ୱାସ ଓ ଅନ୍ୱେଷା ପାଢୀ ଭାଗ ନେଇଥିଲେ। ସେମିନାରର ଆଲୋଚ୍ୟ ବିଷୟ ଥିଲା ବିଭିନ୍ନ ଦିଗ ଓ ରସାୟନ ବିଜ୍ଞାନର ଭୂମିକା। ସମସ୍ତ ଛାତ୍ରୀଛାତ୍ର ନିଜ ଥେସିସ୍ ପଢ଼ିଥିଲେ। ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଏହା ଉଚ୍ଚ ପ୍ରଶଂସିତ ହୋଇଥିଲା। ରସାୟନ ବିଭାଗ ବିଭାଗୀୟ ମୁଖ୍ୟ ଜି. ଧର୍ମେନ୍ଦ୍ରଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ଉକ୍ତ ସେମିନାର ଦ୍ୱାରା ବିଷୟ ପ୍ରତି ଅଧିକ ଆଗ୍ରହ ସହ ଜ୍ଞାନ ଆହରଣ କରିହେଲା ବୋଲି ଛାତ୍ରୀଛାତ୍ରମାନେ ମତବ୍ୟକ୍ତ କରିଛନ୍ତି।

### ମଣ୍ଡିରେ ଧାନ ବିକିବେ ୨୨୬୫ ଚାଷୀ

ତେନ୍ତୁଳିଖୁଣ୍ଟି, ୧୦।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ଅଞ୍ଚଳଗୁମ୍ମାରୁ ବ୍ଲକର ଧାନ ମଣ୍ଡି ଉଦଘାଟିତ ହୋଇଛି। ଅଞ୍ଚଳଗୁମ୍ମା ଲ୍ୟାମ୍ପ୍ସ କାର୍ଯ୍ୟାଳୟ ସମ୍ମୁଖରେ ଧାନମଣ୍ଡି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧକ୍ଷା ନିଳେନ୍ଦ୍ରି ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଲ୍ୟାମ୍ପ୍ସ ସଭାପତି ଦିଲ୍ଲୀପ ପ୍ରଧାନୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜିଲା ପରିଷଦ ସଭ୍ୟା କୃଷ୍ଣମଞ୍ଜରୀ ବିଷୋୟୀ, ଲ୍ୟାମ୍ପ୍ସ ଏମଡି ସୁଶୀଲ ମହାପାତ୍ର,



ପଞ୍ଚାୟତ ସମିତି ଭାଇସ୍ ଚେୟାରମ୍ୟାନ ରାଜେନ୍ଦ୍ର ବିଷୋୟୀ, ସୁବ୍ରତ ଚୌଧୁରୀ, ରାମ ବିଷୋୟୀ, ଶିବ ବିଷୋୟୀ, ଜଗନ୍ନାଥ ତ୍ରିପାଠୀ, ସୁଧାଂଶୁ ବିଷୋୟୀଙ୍କ ସହ ଲ୍ୟାମ୍ପ୍ସର ସମସ୍ତ ଡାଇରେକ୍ଟର ଉପସ୍ଥିତ ଥିଲେ। ଅଞ୍ଚଳଗୁମ୍ମା ଲ୍ୟାମ୍ପ ଅଧୀନରେ ଚାରୋଟି ପିପିସି ରହିଥିବାବେଳେ ୨୨୬୫ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ପାତ୍ରପୁଟ, କଙ୍ଗ୍ରା, ଅଞ୍ଚଳଗୁମ୍ମା ଓ ପାତ୍ରପୁଟରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ। ମଣ୍ଡିରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଚାଷୀ କହିଥିଲେ। ଉପରିସ୍ଥ ଅଧିକାରୀଙ୍କସହ କଥା ହୋଇ ସମସ୍ୟା ସମ୍ପର୍କରେ ଜଣାଇବେ ବୋଲି ବିଧାୟକ କହିଥିଲେ।

# ଶଙ୍ଖନାଦ, ପାରମ୍ପରିକ ବାଦ୍ୟରେ ଦୁଲୁକିଲା ସହର

- ନବରଙ୍ଗପୁର ଲୋକ ମହୋତ୍ସବ 'ମଣ୍ଡେଇ' ଆରମ୍ଭ
- ମାଁ ଭଣ୍ଡାରଘରଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାହାରିଲା ଶୋଭାଯାତ୍ରା

ନବରଙ୍ଗପୁର,୧୦।୧୨(ବି.ପ୍ର.)

ନବରଙ୍ଗପୁରର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କମଳ ଲୋଚନ ମିଶ୍ର ମାଁ ଭଣ୍ଡାରଘରଣୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଅପରାହ୍ନରେ ବାହାରିଥିଲା ମଣ୍ଡେଇ ଶୋଭାଯାତ୍ରା। ବାଣ ଫୁଟା ସହ ଫୁଲ ପକାଇ ଭୀମା ଭୀମାଣିଙ୍କ ପ୍ରତିକୃତି ସହ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଢେମସା, ଢାପ, ଶଙ୍ଖ, ପାଇକ ଅଖାଡ଼ା ପ୍ରଦର୍ଶନୀ, ବିଭିନ୍ନ ସ୍ଥାନରୁ ଆସିଥିବା ଦେବୀ ଲାଠି ଓ ଚୌକି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରତି ସାଂସ୍କୃତିକ ଦଳ ନିକଟରେ ଜଣେ ଲେଖାଏ ଅଧିକାରୀ ନିୟୋଜିତ ରହି ଶୋଭାଯାତ୍ରାକୁ ନିୟନ୍ତ୍ରଣ କରୁଥିଲେ। ଶୋଭାଯାତ୍ରାରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଅହମ୍ମଦ ଖାନ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲାପାଳ ଡ. ମିଶ୍ର ଏକ ଖୋଲା ଗାଡ଼ିରେ ପାରମ୍ପରିକ ବେଶଭୂଷାରେ ସୁସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ଶୋଭାଯାତ୍ରାରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତୋ, ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ସାହୁ, ତହସିଲଦାର ରବୀନ୍ଦ୍ର ରାଉତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶୋଭାଯାତ୍ରା ମଣ୍ଡେଇ ପଡ଼ିଆଠାରେ ପହଞ୍ଚିବା ପରେ ଭୀମା ଭୀମାଣିଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମୁଖ୍ୟ ଅତିଥି ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଦ୍ୱାରା ପଲ୍ଲିଶ୍ରୀ ମେଳାର ଉଦ୍‌ଘାଟନ କରାଯାଇଥିଲା। ଏଥର ପଲ୍ଲିଶ୍ରୀ ମେଳାରେ ୩୫୦ଟି ଷ୍ଟଲ୍ ନିର୍ମାଣ ହୋଇଛି। ସେଥିମଧ୍ୟରୁ ୪୫ଟି ଖାଦ୍ୟ ପ୍ରସ୍ତୁତ ଷ୍ଟଲ୍ ରହିଛି। ମଣ୍ଡେଇ ପଡ଼ିଆ ସମ୍ମୁଖରେ ମିନାବଜାର ସହ ବାହାରୁ ଛୋଟ ବ୍ୟବସାୟଙ୍କ ପାଇଁ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନିକଟରେ ୬୦ ଜଣ (ବ୍ୟବସାୟୀ ) ବସିବା ଭଳି ସ୍ଥାନ ଯୋଗାଇ ଦିଆଯାଇଛି। ଏସ୍‌ପି ଏସ୍. ସୁଶ୍ରୀଙ୍କ ତତ୍ତ୍ୱାବଧାନରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏକତରଫା ରାସ୍ତା ବ୍ୟବସ୍ଥା, ୧୫ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ଡିଏସ୍‌ପି, ଏସ୍‌ଡିପିଓ ପ୍ରମୁଖ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରୁଛନ୍ତି। ମହିଳାମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ ତା' ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ସାଦା ପୋଷାକରେ ପୋଲିସ ଜନଗହଳି ସ୍ଥାନରେ ଚୋର ଓ ପକେଟମାରଙ୍କ ଉପରେ ନଜର ରଖିଛି।



ମହିଳାମାନେ ବାଲି ଡାଙ୍କୁଡ଼ି ଧରି ଯାଉଛନ୍ତି।



କଳାକାରମାନେ ସାଇଲୋଡ଼ି ନୃତ୍ୟ ପରିବେଷଣ କରୁଛନ୍ତି।



ପାରମ୍ପରିକ ବେଶ ପୋଷାକରେ ଗଣ୍ଡ ନୃତ୍ୟ କଳାକାର।



ପାରମ୍ପରିକ ଢାମ୍ପ ବାଦ୍ୟ।

# ମଣ୍ଡେଇ ମାଧ୍ୟମରେ ପରମ୍ପରାକୁ ଋଦ୍ଧିମନ୍ତ କରିବା ଆବଶ୍ୟକ

ନବରଙ୍ଗପୁର ଏକ ବଣ ଜଙ୍ଗଲଘେରା ଅଞ୍ଚଳ। ଏଠାକାର ସଂସ୍କୃତି ମହାନ୍। ନାଚଗୀତ, ଖେଳକୁଦରେ ଭାଗନେବାକୁ ମଣ୍ଡେଇ ମାଧ୍ୟମରେ ଜିଲା ପ୍ରଶାସନ ସୁଯୋଗ ଦେଇଛି। ଏହାଦ୍ୱାରା ପ୍ରତିଭାର ଅନ୍ୱେଷଣ ହୋଇପାରୁଛି। ପଲ୍ଲିଶ୍ରୀ ମେଳାରେ ପାରମ୍ପରିକ କଳାକୃତି ଦେଖିବାକୁ ମିଳିଛି। ମଣ୍ଡେଇ ମାଧ୍ୟମରେ ପରମ୍ପରାକୁ ସକ୍ରିୟ ଓ ଋଦ୍ଧିମନ୍ତ କରିବାର ଆବଶ୍ୟକତା ରହିଛି ବୋଲି ସନ୍ଧ୍ୟାରେ ମଣ୍ଡେଇ ମଞ୍ଚରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ଅନୁସୂଚିତ ଜାତି, ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି। ଆଦିବାସୀ କଳା, ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ସାରା ଦେଶରେ ରେକର୍ଡ ସୃଷ୍ଟି କରିଛନ୍ତି ବୋଲି ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝି କହିଛନ୍ତି। ସେ ଜିଲାର ଆଦିବାସୀଙ୍କୁ ଅନ୍ଧକାରରୁ ଆଲୋକ ଦେଖାଇଥିବା ବିଶିଷ୍ଟ ଜନନାୟକଙ୍କୁ ସଭାମଞ୍ଚରୁ ମନେ ପକାଇଥିଲେ। ରାଜା ମହାରାଜା ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ନ ଭୁଲି ମନେ ପକାଇବାକୁ ପଡ଼ିବ। ଜୟପୁରର ମହାରାଜା ବିକ୍ରମ ଦେବ ଭାଷା ଶିକ୍ଷା, ସଂସ୍କୃତି, ସଙ୍ଗୀତ, କବିଙ୍କୁ ଗୁରୁତ୍ୱ ଦେଇଥିଲେ। ୧୯୧୨ରେ ନବରଙ୍ଗପୁରରେ ଘରୋଇ ହସ୍ପିଟାଲ ସ୍ଥାପନ କରି ଜର୍ମାନ ଡାକ୍ତରମାନେ ସ୍ୱାସ୍ଥ୍ୟସେବା ଯୋଗାଉଥିଲେ। ଏହାକୁ ମଧ ଭୁଲିବାକୁ ହେବ ନାହିଁ ବୋଲି ସେ କହିଥିଲେ। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଜିଲାର କଳା ଓ ସଂସ୍କୃତିର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଦମନ ଚଳଚ୍ଚିତ୍ରରେ ଅବିଭକ୍ତ କୋରାପୁଟ ଜିଲାର କଳାକାରଙ୍କ ଜୀବନ୍ତ ଅଭିନୟ ଦେଖିବାକୁ ମିଳିଛି ବୋଲି ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଅହମ୍ମଦ ଖାନ୍ କହିଛନ୍ତି। କଳା ସଂସ୍କୃତିକୁ ବଞ୍ଚାଇ ରଖିବା ମଣ୍ଡେଇ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ଉପେନ୍ଦ୍ର ଗଣ୍ଡ କହିଥିଲେ। ସମସ୍ତ ଜନପ୍ରତିନିଧି ଓ ଜନସାଧାରଣ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇଲେ ମଣ୍ଡେଇ ପାଳନର ସଫଳତା ମିଳିବ। ନବରଙ୍ଗପୁର ମଣ୍ଡେଇ ସାରା ବିଶ୍ୱରେ ପହଞ୍ଚିପାରିଛି ବୋଲି ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ମନୋହର ରନ୍ଧାରୀ କହିଥିଲେ। ମଣ୍ଡେଇ ମାଧ୍ୟମରେ ଭାବର ଆଦାନପ୍ରଦାନ ହୋଇପାରୁଛି ବୋଲି ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ କହିଛନ୍ତି। କଳା ସଂସ୍କୃତିର ସମାରୋହ ହେଉଛି ମଣ୍ଡେଇ। କଳା ସଂସ୍କୃତି ନ ରହିଲେ ଆମ ପରିଚୟ ରହିବ ନାହିଁ ବୋଲି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ମଣ୍ଡେଇରେ ଜିଲା, ରାଜ୍ୟ ଓ ରାଜ୍ୟ ବାହାର ସଂସ୍କୃତିର ସମନ୍ୱୟ ଦେଖିବାକୁ ମିଳୁଛି ବୋଲି ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି କହିଛନ୍ତି। ପାଶ୍ଚାତ୍ୟ ପ୍ରଭାବରେ ଆମ ସଂସ୍କୃତି ଲୋପ ପାଇ ଆସୁଛି। ଏହାକୁ ବଞ୍ଚାଇ ରଖିବା ପାଇଁ ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ ଆହ୍ୱାନ ଦେଇଥିଲେ। କଳା, ସଂସ୍କୃତି, ଭାବର ଆଦାନପ୍ରଦାନ ଓ ପ୍ରକୃତି ପୂଜାକୁ ମଣ୍ଡେଇ ଆହ୍ୱାନ କରିଥାଏ ବୋଲି ଜିଲା ସଂସ୍କୃତି ପରିଷଦ ଅଧକ୍ଷ ତଥା ଜିଲାପାଳ ଡ. କମଳଲୋଚନ ମିଶ୍ର କହିଛନ୍ତି। ପ୍ୟାରେଣ୍ଟ୍ସ ପ୍ରାଇଡ୍ ସ୍କୁଲର କୁନି କୁନି ଛାତ୍ରୀମାନେ ଅତିଥିଙ୍କୁ ସ୍ୱାଗତ ଜଣାଇ ମଞ୍ଚ ଉପରକୁ ଆଣିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ ମଞ୍ଚ ପରିଚାଳନା କରିଥିଲେ। ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉଦ୍‌ଘାଟନୀ ଦିବସରେ ଓଡ଼ିଶୀ ନୃତ୍ୟ, ମହାରାଷ୍ଟ୍ରର ଲାଓନୀ, ଆସାମର ବିହୁ, ପ୍ରେରଣ (ଦଶାବତାର), ସମ୍ବଲପୁରର ଡାଲ୍‌ଖାଇ, ବଲାଙ୍ଗୀରର ଢାପ ଓ ସ୍ଥାନୀୟ ଲୋକନୃତ୍ୟ ଇତ୍ୟାଦି ପରିବେଷଣ କରାଯାଇଛି। ଉଦ୍‌ଘୋଷକ ଭାବେ ଅଧାପକ ଦିଲୀପ ହୋତା ଓ ଅଧାପିକା ସଂଯୁକ୍ତା ପଣ୍ଡା ରହିଥିଲେ।



ଜିଲାସ୍ତରୀୟ ମଣ୍ଡେଇର ଉଦ୍‌ଘାଟନୀ ଦିବସରେ ମଞ୍ଚାସୀନ ଅତିଥିମାନେ।



କଟକ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ଓଡ଼ିଶୀନୃତ୍ୟ।



ସମ୍ବଲପୁର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସୋମବାର ଚିଲିଗାଁ ମଣ୍ଡିରୁ ଆରମ୍ଭ ହେବ ଧାନକିଣା

### ଚନ୍ଦାହାଣ୍ଡିରେ ଖରିଫ୍ ଧାନ ମଣ୍ଡି ଉଦ୍‌ଘାଟିତ

ଚନ୍ଦାହାଣ୍ଡି, ୧୦।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସମବାୟ ସମିତି ପରିସର ମଣ୍ଡିରେ ଧାନ ବିକିବାକୁ ନାମ ପଞ୍ଜୀକରଣ କରିଥିବା ଚାଷୀଙ୍କୁ ନେଇ ଏକ ବୈଠକ କରାଯାଇଛି। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଚନ୍ଦାହାଣ୍ଡି ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ, ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ ପାଢ଼ୀ, ଜିଲା ପରିଷଦ ଜୋନ୍ ୧ ସଭ୍ୟା ବର୍ଷାରାଣୀ ପଟେଲ, ଉପାଧକ୍ଷ ବାସୁଦେବ ଗୌଡ଼, ସମବାୟ ସମିତି ନିର୍ଦ୍ଦେଶକ ଲୋକନାଥ ପୂଜାରୀ, ଗୌରହରି ନାୟକ, ବଳରାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦାହାଣ୍ଡି ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ବାବୁଲା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ଚନ୍ଦାହାଣ୍ଡି ବ୍ଲକ ସଦର, ଚିଲିଗାଁ, ଶରଧାପୁର, ପୂଜାରୀଗୁଡା,ଧୋଡିପାଣି ଏବଂ କୋଇଲିମୁଣ୍ଡା ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ୪୧୧୭ ଜଣ ଚାଷୀ ପଞ୍ଜିକୃତ କରିଥିବା ନେଇ ଏମ୍‌ଡି ବାବୁଲା ସ୍ୱାଇଁ ସୂଚନା ଦେଇଥିଲେ। ମଣ୍ଡିରେ ଧାନ ବିକିବାକୁ ଆସୁଥିବା ଚାଷୀଙ୍କ ପାଇଁ ଟାରପୋଲିନ, ପାଣି ଏବଂ ଆଲୋକ ବ୍ୟବସ୍ଥା ଆର୍‌ଏମ୍‌ସି ପକ୍ଷରୁ କରାଯାଇଛି ବୋଲି ଆର୍‌ଏମ୍‌ସି କର୍ମଚାରୀ ପ୍ରଶାନ୍ତ ରାୟ ସୂଚନା ଦେଇ ଥିଲେ। ସାଧାରଣ ଧାନ କୁଇଣ୍ଟାଲ ପିଛା ୨୦୪୦, କ ଶ୍ରେଣୀର ଧାନ ୨୦୬୦ ଟଙ୍କାରେ କିଣାଯିବ। ପ୍ରତ୍ୟେକ ଚାଷୀ ଏକର ପିଛା ୧୩ କୁଇଣ୍ଟାଲ ଏବଂ ଜଳକର ଦେଉଥିବା ଚାଷୀ ୧୯ କୁଇଣ୍ଟାଲ ଧାନ ଦେଇପାରିବେ ବୋଲି ବୈଠକରେ ଆଲୋଚନା ହୋଇଛି। ସୋମବାର ଚିଲିଗାଁ ମଣ୍ଡିରେ ପ୍ରଥମ ଧାନ କିଣା ଯିବ ବୋଲି ଚାଷୀଙ୍କୁ ସୂଚନା ଦିଆ ଯାଇଛି। କଟନୀ ବାବଦକୁ କୁଇଣ୍ଟାଲ ପିଛା ୨ କେଜି ଧାନ କଟାଯିବ ବୋଲି ମଣ୍ଡି କର୍ତ୍ତୃପକ୍ଷ ଘୋଷଣା କରି ଥିଲେ।

## କିଣାଯିବ ୧୫ ଲକ୍ଷ ୫୫ ହଜାର କୁଇଣ୍ଟାଲ ଧାନ

### ଖରିଫ ଧାନମଣ୍ଡି ଉଦ୍‌ଘାଟିତ

ନବରଙ୍ଗପୁର,୧୦।୧୨(ବି.ପ୍ର.)

ନବରଙ୍ଗପୁର ଆର୍‌ଏମ୍‌ସି ମୁଖ୍ୟ ବଜାର ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖରିଫ ଧାନମଣ୍ଡି ଉଦ୍‌ଘାଟନ କରିଛନ୍ତି। କୃଷି ଉତ୍ପାଦନ ଦ୍ୱିଗୁଣିତ ହୋଇପାରିଛି। ଚାଷୀ ହେଉଛନ୍ତି ଅନ୍ନଦାତା। ସରକାରଙ୍କ ସୁଚିନ୍ତିତ ଯୋଜନା ଯୋଗୁ ଚାଷୀ ଉତ୍ପାଦର ଉଚିତ ମୂଲ୍ୟ ପାଇପାରୁଛି। ବଜାର ବ୍ୟବସ୍ଥା ସୁଗମ ହୋଇଥିବାରୁ ବାହାରକୁ ମଧ କୃଷିଜାତ ଦ୍ରବ୍ୟ ବିକ୍ରିବଟା ହୋଇପାରୁଛି। ଆଗକୁ ଚାଷୀଙ୍କ ଆୟ କିଭଳି ୩ ଗୁଣ ବଢ଼ିବ ସେ ନେଇ ଉଦ୍ୟମ ଜାରି ରହିଛି। ଧାନମଣ୍ଡି କିଭଳି ସୁଚାରୁ ରୂପେ ପରିଚାଳନା ହେବ ସେ ନେଇ ସମସ୍ତଙ୍କ ସହଯୋଗ କାମ୍ୟ ବୋଲି ସେ କହିଛନ୍ତି। ଚାଷୀଙ୍କୁ ଯେପରି ସମସ୍ୟା ନ ହୁଏ ସେ ନେଇ ପ୍ରଶାସନ ଓ ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥିଭାବେ ଜିଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗଦେଇ ଜିଲାରେ ଚଳିତ ବର୍ଷ ୪୩ ହଜାର ୭୫୭ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି କହିଥିଲେ। ଚଳିତ ବର୍ଷ ୧୫ ଲକ୍ଷ ୫୫ ହଜାର କୁଇଣ୍ଟାଲ ଧାନ କିଣାଯିବ। ଜିଲାରେ ୫୯ଟି ସ୍ଥାନରେ ଧାନମଣ୍ଡି ବ୍ୟବସ୍ଥା କରାଯାଇଛି। ୧୩ଟି ଲ୍ୟାମ୍ପ୍ସ, ୨୫ ଏସ୍‌ଏଚ୍‌ଜି ଓ ୨ ପାଣି ପଞ୍ଚାୟତ ଚାଷୀଙ୍କଠାରୁ ମଣ୍ଡି ମାଧ୍ୟମରେ ଧାନ କିଣିବେ। ଚାଷୀ ଧାନ ବିକ୍ରି କରିବା ପାଇଁ ସରଳୀକରଣ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚାଷୀ, ମିଲର୍ସ, ମଣ୍ଡି ପରିଚାଳନା କମିଟି, ଲ୍ୟାମ୍ପ୍ସ ଆର୍‌ଏମ୍‌ସି ସମସ୍ତେ ସମନ୍ୱୟ ରଖିବାକୁ ଜିଲାପାଳ ନିବେଦନ କରିଥିଲେ । କୃଷକ ନେତା ଖାଡେଶ୍ୱର ଖାଡଙ୍ଗା ଚାଷୀଙ୍କ ସମସ୍ୟା ପାଇଁ ଜଣେ ଅଭିଜ୍ଞ ଅଧିକାରୀଙ୍କୁ ଦାୟିତ୍ୱ ଦେବା ସହ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅନେକ ଚାଷୀଙ୍କ ଜମି ପଞ୍ଜୀକରଣ ଠିକ୍ ଥିବାବେଳେ ଟୋକନ ପାଇବା ସମୟରେ ଅତି କମ୍ କୁଇଣ୍ଟାଲ ଧାନମଣ୍ଡିରେ ଦେଇ ପାରିବା ନେଇ ମେସେଜ ଆସୁଛି। ଏହାର ସଂଶୋଧନ କରାଯିବା ସହ ପୁନଃ ପଞ୍ଜୀକରଣ ସୁଯୋଗ ଦେବାକୁ ପ୍ରଶାସନ ନିକଟରେ ନିବେଦନ କରିଥିଲେ। ଉପଜିଲାପାଳ ତଥା ଆର୍‌ଏମ୍‌ସି ଅଧକ୍ଷ ପ୍ରଶାନ୍ତ କୁମାର ରାଉତ, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ, ମିଲ୍ ମାଲିକ ସଂଘ ସଭାପତି ପ୍ରଦୀପ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଆର୍‌ଏମ୍‌ସି ସମ୍ପାଦକ କପିଳେନ୍ଦ୍ର ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଚାଷୀ, ଅତିରିକ୍ତ ଜିଲା ଯୋଗାଣ ନିରୀକ୍ଷକ ଓ ଆର୍‌ଏମ୍‌ସି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### ୧୫ରେ ଟ୍ରେନ୍ ସମୟ ପରିବର୍ତ୍ତନ, ଚଳାଚଳ ବନ୍ଦ

#### ରେଳଲାଇନରେ ହେବ ମରାମତି

ଗୁଣପୁର,୧୦।୧୨(ଡି.ଏନ୍.ଏ.)- ବିଶାଖାପାଟଣା-ପଲାସା ରେଳଲାଇନ, ସିଗ୍ନାଲ ଏବଂ ବିଦ୍ୟୁତୀକରଣ କାର୍ଯ୍ୟର ମରାମତି ନିମନ୍ତେ ଡିସେମ୍ବର ୧୫ ଗୁରୁବାର ଗୁଣପୁରକୁ ଆସୁଥିବା କେତେକ ଟ୍ରେନ୍ ସ୍ଥଗିତ ରହିବା ସହ ସମୟ ପରିବର୍ତ୍ତନ ହୋଇଛି। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ୧୫ ତାରିଖରେ ପୁରୀ-ଗୁଣପୁର ଏକ୍ସପ୍ରେସ୍ ଟ୍ରେନ୍ ପୁରୀଠାରୁ ବାହାରି ପଲାସାଠାରେ ଅଟକିବ। ୧୬ ତାରିଖ ଶୁକ୍ରବାର ପୁଣି ଏହି ଟ୍ରେନ୍ ଗୁଣପୁରଠାରୁ ନ ଯାଇ ପଲାସାଠାରୁ ପୁରୀ ଯିବ। ସେହିପରି ବିଶାଖାପଟଣା-ଗୁଣପୁର-ବିଶାଖାପାଟଣା ଟ୍ରେନ୍ ୧୫ ତାରିଖରେ ଉଭୟ ଦିଗରୁ ଚଳାଚଳ ବନ୍ଦ ରହିବ। ରାଜ୍ୟରାଣୀ ଏକ୍ସପ୍ରେସ୍ ୧୫ ତାରିଖରେ ଗୁଣପୁରରେ ପହଞ୍ଚିବ ହେଲେ ଗୁଣପୁରଠାରୁ ୩.୩୦ ବଦଳରେ ୨ ଘଣ୍ଟା ବିଳମ୍ବ ତଥା ୫.୩୦ରେ ଛାଡ଼ିବ। ତେବେ କଟକ-ଗୁଣପୁର-କଟକ ମେମୁ ଟ୍ରେନ୍ ଯଥା ସମୟରେ ନିୟମିତ ଚଳାଚଳ କରିବ ବୋଲି ସୂଚନା ମିଳିଛି।

### ସ୍କୁଲର ବିଭିନ୍ନ ସମସ୍ୟା ନେଇ ଆଲୋଚନା

#### ଅଭିଭାବକ-ଶିକ୍ଷକ ବୈଠକ

ରାୟଗଡ଼ା ଅଫିସ,୧୦।୧୨- ରାୟଗଡ଼ା ସଦର ସ୍ଥିତ ଇଲେକ୍ଟ୍ରିକଲୋନୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଏବଂ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେଶ ସିଂଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନରସିଂହ ବିଡ଼ିକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ୧୨୨ ଅଭିଭାବକ ଉପସ୍ଥିତ ରହି ସ୍କୁଲର ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ସୁରଭିରେ କୁଇଜ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରଭାତୀ ଖୁଣ୍ଟିଆ ଏବଂ ବିଶ୍ୱ ମୃତ୍ତିକା ଦିବସରେ ବକ୍ତୃତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କ୍ରିଷ୍ଣା ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଏବିଇଓ ଛବିଲାଲ ସିଂ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସରୋଜିନୀ ପାଢ଼ୀ ଏବଂ ସୁନିତା ପାଢ଼ୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବିଭିନ୍ନ ସ୍ଥାନରେ ବିଶ୍ୱ ମାନବ ଅଧିକାର ଦିବସ ପାଳିତ

ଗୁଣପୁର,୧୦।୧୨(ଡି.ଏନ.ଏ.)- ରାୟଗଡା ଜିଲା ଗୁଣପୁରଠାରେ ବିଭିନ୍ନ ସଂଗଠନ ପକ୍ଷରୁ ଶନିବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଗୁଣପୁର କୋର୍ଟର ଭିଡିଓ କନଫରେନ୍ସ ହଲରେ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଥିଲା। ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସବ୍‌ଜଜ ସନ୍ତୋଷ ମହାପାତ୍ର ଅଧକ୍ଷତା କରିଥିଲେ। ଏସ୍‌ଡିଜେଏମ୍ ଶାନ୍ତିଶ୍ରୀମହାନ୍ତି ଏବଂ ଗୁଣପୁର ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ମଞ୍ଚାସୀନ ଥିଲେ। ମାନବାଧିକାର ସମ୍ପର୍କିତ ରହିଥିବା ବିଭିନ୍ନ ଆଇନ ସଂପର୍କରେ ଅତିଥିମାନେ ସୂଚନା ଦେଇଥିଲେ। ସେହିପରି ମାନବାଧିକାର ଗ୍ରୁପ ପକ୍ଷରୁ ମଧ ବିଶ୍ୱ ମାନବାଧିକାର ଦିବସ ପାଳନ କରାଯାଇଥିଲା। ସଂଗଠନର ସଭାପତି ପ୍ରମୋଦ ପ୍ରଧାନ, ଉପସଭାପତି ଡି.ରାମକୃଷ୍ଣ, ସଦସ୍ୟ ପ୍ରଦୀପ ପାତ୍ର, ଆଇନଜୀବୀ ରମେଶ ଚନ୍ଦ୍ର ଲିମାଙ୍କ ନେତୃତ୍ୱରେ ଏହା ପାଳିତ ହୋଇଥିଲା। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ପୁରୁଣା ବସଷ୍ଟାଣ୍ଡସ୍ଥିତ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଛାତ୍ରମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଗୁଣପୁର କଲେଜର ଛାତ୍ରମାନେ ଏଥିରେ ଅଂଶଗ୍ରହଣ କରି ମାନବାଧିକାର ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇଥିଲେ।

# ମହିଳା ବିଭାଗରେ ଅଞ୍ଜନା, ପୁରୁଷ ବିଭାଗରେ ଜଳଧର ପ୍ରଥମ

## ପରବ ଅବସରରେ କୋରାପୁଟରେ ହେବ ମିନି ମାରାଥନ

କୋରାପୁଟ,୧୦।୧୨(ସ୍ୱ.ପ୍ର.)




ରାଜ୍ୟସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ପରବ ଅବସରରେ କୋରାପୁଟଠାରେ ମିନି ମାରାଥାନ ପ୍ରତିଯୋଗିତା ହେବ। ଜିଲା ପ୍ରଶାସନ ଓ କୋବ୍ରା-୨୦୨ ବାଟାଲିୟନର ମିଳିତ ସହଯୋଗରେ ସ୍ଥାନୀୟ ପୋଲିସ ପଡିଆଠାରେ ଆୟୋଜିତ ଏହି ମିନି ମାରାଥନକୁ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଶିବାଜୀ ଇସଲୱାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। କୋବ୍ରା ବାଟାଲିୟନର ସହକାରୀ ଦୁର୍ଗପତି ପବନ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଜିଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ପୋଲିସ ଆରଆଇ ସୁବାସ ନାୟକ ପ୍ରମୁଖ ଯୋଗଦେଇ ମାରାଥାନାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ମାରାଥାନ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ କୋରାପୁଟ ପୋଲିସ ପଡିଆରୁ ଦୌଡି କୋରାପୁଟ-ବୋରିଗୁମ୍ମା ରାସ୍ତାର ଦୟାନିଧିଗୁଡା ଯାଏ ଯାଇଥିଲେ। ମାରାଥାନାର ମହିଳା ବିଭାଗରେ କୋରାପୁଟର ଅଞ୍ଜନା ପ୍ରଥମ ହୋଇଥିବାବେଳେ ନିସି ଦ୍ୱିତୀୟ ଓ ସଙ୍ଗୀତା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ପୁରଷ ବିଭାଗରେ ସେମିଳିଗୁଡାର ଜଳଧର ବୋରା ପ୍ରଥମ ହୋଇଥିବାବେଳେ ଓଡିଶା ପୋଲିସର ଶିବ ଏକ୍କା ଦ୍ୱିତୀୟ ଏବଂ କୋବ୍ରା ୨୦୨ ବାଟାଲିୟନର ରାହୁଲ କାକା ତୃତୀୟ ସ୍ଥାନ ହାସଲ କରିଥିଲେ। ୪୫ ବର୍ଷରୁ ଉର୍ଦ୍ଧ୍ୱ ବିଭାଗରେ କୋରାପୁଟ ବିଏସ୍‌ଏଫ୍‌ର ସଂଜୟ ଚୌଧୁରୀ ପ୍ରଥମ, ଆରପିଏଫର ପ୍ରଭୁ ଦୟାଲ ଆହାକେ ଦ୍ୱିତୀୟ ଏବଂ ଓଏସ୍‌ଏପି ତୃତୀୟ ବାଟାଲିୟନର ପୁରୁଷୋତ୍ତମ ସାହୁ ତୃତୀୟ ହୋଇଥିଲେ। ମିନି ମାରାଥାନାକୁ ଦେଖିବା ପାଇଁ ରାସ୍ତା ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

# ଶିକ୍ଷାର ମାନ ବୃଦ୍ଧି ପାଇଁ ଅଭିଭାବକ-ଶିକ୍ଷକ ବୈଠକ

ରାୟଗଡ଼ା ଅଫିସ,୧୦।୧୨



ବୈଠକରେ ଉପସ୍ଥିତ ଶିକ୍ଷକ ଓ ଅଭିଭାବକମାନେ।

ଇନ୍ଦିରାନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ କାଉନସିଲର ସର୍ମିତା ପାଢ଼ୀ, ଏବିଇଓ ଛବିଲାଲ ସିଂ, ସିଆର୍‌ସିସି ପ୍ରଶାନ୍ତୀ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ୧୮୦ ଅଭିଭାବକ ଏଥିରେ ଉପସ୍ଥିତ ଥିଲେ।

ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା, ପରିଚାଳନା, ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ, ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ବିଷୟରେ ଶିକ୍ଷକ ଆଲୋଚନା କରିଥିଲେ। ସୁରଭି, ଶିଶୁ ଦିବସ ଓ ଅନ୍ୟ ପ୍ରତିଯୋଗିତାରେ ପିଲାମାନେ କୃତିତ୍ୱ ହାସଲ କରିଥିବାରୁ ମା', ବାପା ଏବଂ ଅଭିଭାବକ ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ନିଆଯାଉଥିବା ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ୩ ଶହରୁ ଉର୍ଦ୍ଧ୍ୱ ପିଲା ପଢୁଥିବାରୁ ଅଧିକ ଶ୍ରେଣୀଗୃହ ଓ ଶୌଚାଳୟର ଆବଶ୍ୟକତା, ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଉପରେ ମତ ରଖିଥିଲେ। ବିଦ୍ୟାଳୟର ଉନ୍ନତି ନିମନ୍ତେ ମାତାପିତାଙ୍କ ଅବଦାନକୁ ନେଇ ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ମାନବ ଅଧିକାର, କର୍ତ୍ତବ୍ୟ ବିଷୟରେ ଆଲୋଚନା

## ଡିଏଲ୍‌ଏସ୍‌ଏ ପକ୍ଷରୁ ମାନବ ଅଧିକାର ଦିବସ ପାଳିତ

ରାୟଗଡ଼ା ଅଫିସ,୧୦।୧୨

ରାୟଗଡ଼ା ଗୋପବନ୍ଧୁ ପୌରପାଳିକା ହାଇସ୍କୁଲ ପରିସରରେ ଅନ୍ତର୍ଜାତୀୟ ମାନବାଧିକାର ଦିବସ ଶନିବାର ପାଳିତ ହୋଇଯାଇଛି। ରାୟଗଡା ଅତିରିକ୍ତ ଜିଲା ଦୌରା ଜଜ୍ ରୀନା ଚୌଧୁରୀ ଏଥିରେ ଅଧକ୍ଷତା କରିଥିଲେ । ଅନ୍ୟ ପ୍ରମୁଖ ଅତିଥିଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ)ର ସମ୍ପାଦିକା ନିବେଦିତା ପଣ୍ଡା, ରେଜିଷ୍ଟ୍ରାର ଦେବିଜ୍ୟୋତି ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ସୋମ୍ୟରୂପ ସାହୁଙ୍କ ସମେତ ଗୋପବନ୍ଧୁ ମୁନିସିପାଲିଟି ହାଇସ୍କୁଲର ପ୍ରଧାନ ଶିକ୍ଷକ, ଅନ୍ୟ ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ।

ଅତିରିକ୍ତ ଜିଲା ଦୌରା ଜଜ୍ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆଇନ ସେବା ପ୍ରାଧିକରଣର ଉତ୍ପତ୍ତି ଓ ତାହାର ମହତ୍ତ୍ୱ ବିଷୟରେ ଧାରଣା ଦେବା ସହ ମାଗଣା ଆଇନ ସେବା ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କ ବିଷୟରେ ସୂଚନା ଦେଇଥିଲେ। ପ୍ରାଧିକରଣର ସଚିବ ପଣ୍ଡା ନିଜ ଅଭିଭାଷଣରେ ସମ୍ବିଧାନର ବିଭିନ୍ନ ଧାରାରେ ବର୍ଣ୍ଣିତ ମାନବାଧିକାର ଓ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିବା ସହ ଉପସ୍ଥିତ ଛାତ୍ରୀଛାତ୍ର ମାନେ ନିଜ ଭିତରେ ଲୁକ୍କାୟିତ ଥିବା ପ୍ରତିଭାର ଅନ୍ୱେଷଣ କରି ତାର ପରିପ୍ରକାଶ କରିପାରିଲେ ଏକ ଆଦର୍ଶ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଅନ୍ୟ ଅତିଥିମାନେ ମାନବାଧିକାର ଦିବସ ଉପରେ ଆଲୋଚନା କରିଥିଲେ। ପରେ ପିଲାଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଗୋପବନ୍ଧୁ ମ୍ୟୁନିସିପାଲିଟି ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଉପସ୍ଥିତି ଏବଂ ଡିଏଲ୍‌ଏସ୍‌ଏର ସମ୍ପାଦିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।




## ମେଧାବୀ ଛାତ୍ରୀ ସୋନାଲିଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର,୧୦।୧୨(ଡି.ଏନ୍.ଏ.)

ଉପାନ୍ତ ରାୟଗଡ଼ା ଜିଲା ପଦ୍ମପୁର ଅଞ୍ଚଳ ଆଦିବସୀ ଛାତ୍ରୀ ସୋନାଲି ଭୂୟାଁ ମେଡିକାଲ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମେଧାବି ଛତ୍ରୀ ସୋନାଲି ଛୋଟବେଳୁ ପଦ୍ମପୁର ସ୍ଥିତ ଆର୍ଯ୍ୟନ ଇଂଲିଶ ମିଡିୟମ ସ୍କୁଲରେ ପାଠପଢ଼ା ଆରମ୍ଭ କରିଥିଲେ। ଦଶମ ଶ୍ରେଣୀ ସିବିଏସ୍‌ଇ ପରୀକ୍ଷାରେ ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ତାଙ୍କ ସଫଳତାକୁ ନେଇ ପଦ୍ମପୁର ସ୍ଥିତ ଆର୍ଯ୍ୟନ ସ୍କୁଲରେ ଶନିବାର ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ସୋନାଲିଙ୍କ କୃତକାର୍ଯ୍ୟ ଅନ୍ୟ ଛାତ୍ରୀଛାତ୍ରଙ୍କୁ



ପ୍ରେରଣା ଯୋଗାଇଥିଲା। ଆର୍ଯ୍ୟନ ସ୍କୁଲ ଛାତ୍ରୀନିବାସରେ ସୋନାଲି ଦୀର୍ଘଦିନ ଧରି ରହିଥିଲେ। ଏଠାରୁ ହିଁ ସେ ଡାକ୍ତର ହେବାପାଇଁ ପ୍ରେରଣା ପାଇଥିଲେ ବୋଲି ସୋନାଲି କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁଶ୍ରୀ ରତ୍ନପର୍ଣ୍ଣା ପଟ୍ଟନାୟକ ଯୋଗଦେଇ ସୋନାଲିଙ୍କୁ ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ। ଅଧକ୍ଷା ମହାଶ୍ୱେତା ନାୟକ ଓ ପ୍ରଶାସନିକ ଅଧିକାରୀ ମନୋଜ ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଇଂଲିଶ ଅଧାପିକା ପ୍ରତିଭା ଶବର ଧନ୍ୟବାଦ ଦେଇଥିଲେ।

# ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା



କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ, ସଫଳ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

ରାୟଗଡ଼ା ଅଫିସ,୧୦।୧୨

ଡିସେମ୍ବର ୬ ଏବଂ ୭ ଦୁଇଦିନ ଧରି ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ପୁରୁଷ ବିଭାଗରେ ବିଡିକା ସିନ୍ଧୁ, ଚନ୍ଦ୍ରଶେଖର କଣ୍ଡାଗିରି, ଶିବ ହୁଇକା ଓ ସାମଲ ବାତ୍ରା, ମହିଳା ବିଭାଗରେ ସୁପ୍ରିଆ କିଲକା, ପାର୍ବତୀ ସୁନା, ସନ୍ତୋଷୀ ନାୟକ ଓ ରେଶ୍ମା ନାୟକ ଭାଗ ନେଇଥିଲେ। ସେମାନେ ଦୌଡ଼, ଉଚ୍ଚଡିଆଁ ଆଦି କ୍ରିଡ଼ା ପ୍ରତିଯୋଗିତାରେ ଭାଗନେଇ ସଫଳତା ପାଇଛନ୍ତି। ଶନିବାର ମହାବିଦ୍ୟାଳୟ ପକ୍ଷରୁ ଅଧକ୍ଷ ପ୍ରଶନ୍ନ କୁମାର ଗନ୍ତାୟତ ଓ କ୍ରୀଡ଼ା ସଂସଦର ଉପ ସଭାପତି କେ. ଶଶୀ, ଉପ ସଭାପତି ଗିରୀଶ ପଟ୍ଟନାୟକ, ଅଶୋକ କୁମାର ସାହୁ, ମନ୍ମଥ ଟୋଇକା, ଖେଳ ଶିକ୍ଷକ ଆଶିଷ ପୂଜାରୀ, ଟିମ୍ ମ୍ୟାନେଜର ରାଜେଶ ବେହେରା ପ୍ରମୁଖ କ୍ରିଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଘୋଡ଼ାଦୌଡ଼ ହେବ ମହୋତ୍ସବର ଅନ୍ୟତମ ଆକର୍ଷଣ

## ବିଶ୍ୱକପ୍ ହକି ଟ୍ରଫି ପରିକ୍ରମା, ମାଲ୍ୟବନ୍ତ ମହୋତ୍ସବରେ କ୍ରୀଡ଼ା ପ୍ରତିଯୋଗିତା ନେଇ ବୈଠକ

ମାଲକାନଗିରି, ୧୦।୧୨(ଡି.ଏନ.ଏ.)

ବିଶ୍ୱକପ୍ ହକି ପରିପ୍ରେକ୍ଷୀରେ ଜିଲାସ୍ତରୀୟ ଲୋକ ମହୋତ୍ସବକୁ ଆଡମ୍ବର ସହକାରେ ପାଳନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ସାରା ରାଜ୍ୟରେ ବିଶ୍ୱକପ୍ ହକି ଟ୍ରଫି ପରିକ୍ରମା କରିବ। ମାଲକାନଗିରି ଜିଲାରେ ଚଳିତ ମାସ ୩୦ରେ ଏହି ଟ୍ରଫି ପହଞ୍ଚିବ। ଏହାକୁ ଭବ୍ୟ ସମ୍ବର୍ଦ୍ଧନା ଓ ସ୍ୱାଗତ ଜଣାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦର ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ଅଧକ୍ଷତା କରିଥିଲେ। ସେ କହିଛନ୍ତି, ଜିଲାରେ ବିଶ୍ୱକପ୍ ହକି ଟ୍ରଫିକୁ ଭବ୍ୟ ସମ୍ବର୍ଦ୍ଧନା ପାଇଁ ସମସ୍ତ ପଦକ୍ଷେପ ନିଆଯିବ। ଏ ଦିଗରେ ସମସ୍ତ କ୍ଷେତ୍ର ଅଧିକାରୀ ଦାୟିତ୍ୱ ତୁଲାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଶ୍ୱକପ୍ ହକି ଟ୍ରଫି ପରିକ୍ରମା ସମୟରେ ସହରରେ ଶୋଭାଯାତ୍ରା ସହ ଷ୍ଟାଡିୟମରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ସେହିପରି ମାଲ୍ୟବନ୍ତ ମହୋତ୍ସବରେ ଜିଲାରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଜିଲା ସ୍ତରରେ ଜାନୁୟାରୀ ୪,୫ ଓ ୬ ତାରିଖରେ କ୍ରୀଡ଼ା ପ୍ରତିଯୋଗିତା ହେବ। ଚଳିତ ବର୍ଷ ମହୋତ୍ସବର ଅନ୍ୟତମ ଆକର୍ଷଣ ଘୋଡ଼ା ଦୌଡ଼ ରହିବ। ଏହା ଜାନୁୟାରୀ ୭ରେ ଚିତ୍ରକୋଣ୍ଡାଠାରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ବୈଠକକୁ ଭାରପ୍ରାପ୍ତ କ୍ରୀଡ଼ା ଅଧିକାରୀ ଧ୍ରୁବଚରଣ ମୁଦୁଲି ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ର ଅଧିକାରୀ ଓ କ୍ରୀଡ଼ା ପ୍ରଶିକ୍ଷକମାନେ ଉପସ୍ଥିତ ଥିଲେ।



ଅଧିକାରୀମାନେ ମହୋତ୍ସବ ସମ୍ପର୍କରେ ଆଲୋଚନା କରୁଛନ୍ତି।

## ମାନବ ଅଧିକାର ଦିବସରେ ଦୁର୍ଗା ସମ୍ମାନିତ

ରାୟଗଡ଼ା ଅଫିସ,୧୦।୧୨

ରାୟଗଡ଼ା ଜିଲା କଂଗ୍ରେସ ସଭାପତି ତଥା ସାମାଜିକ କର୍ମୀ ଦୁର୍ଗାପ୍ରସାଦ ପଣ୍ଡାଙ୍କୁ ବିଶ୍ୱ ମାନବ ଅଧିକାର ଦିବସରେ ଶନିବାର ସମ୍ମାନିତ କରାଯାଇଛି। ଭୁବନେଶ୍ୱରଠାରେ ଦି ସିଟିଜେନ୍ ହ୍ୟୁମାନ୍ ରାଇଟସ୍ କ୍ଲିନିକ୍, କଟକ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଛି। ସାମାଜିକ କର୍ମୀ ଭାବେ ମାନବ ଅଧିକାର ନିମନ୍ତେ ଲଢ଼େଇ କରୁଥିବାରୁ ତାଙ୍କର ସେବା ମନୋବୃତ୍ତି ପାଇଁ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯାଇଛି।

# ଭୋଟର ତାଲିକା ଚିଠା ହସ୍ତାନ୍ତର କାର୍ଯ୍ୟକ୍ରମ

ଗୁଣପୁର,୧୦।୧୨ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ତାଲିକା ଚିଠା ହସ୍ତାନ୍ତର କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଲଳିତ କହଁର ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଭୋଟର ତାଲିକା ଚିଠା ପ୍ରଦାନ କରିଥିଲେ। ନଭେମ୍ବର ୯ରୁ ଆରମ୍ଭ ହୋଇଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଡିସେମ୍ବର ୮ ମଧ୍ୟରେ ଗ୍ରହଣ କରାଯାଇଥିବା ସମସ୍ତ ଦାବି, ଆପତ୍ତି, ଯୋଗ, ବାଦ୍, ସଂଶୋଧନ ଆଦିର ଭୋଟର ତାଲିକା ଚିଠାକୁ ସେ ହସ୍ତାନ୍ତର କରିଥିଲେ। ଦଳମାନେ ଚିଠା ଦେଖି ଆସନ୍ତା ସପ୍ତାହକ ମଧ୍ୟରେ ସେମାନଙ୍କ ମତାମତ ଲିଖିତ ଆକାରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦର ପୂର୍ବତନ ଅଧକ୍ଷ ବିଜୟ କୁମାର ଗମାଙ୍ଗ, ବିଜେଡି ନେତା ପିଙ୍କୁ ପଣ୍ଡା, ରମେଶ ଚନ୍ଦ୍ରଲିମା, ଭାଜପା ନେତା କୀର୍ତ୍ତି କୁମାର ପଣ୍ଡା, ପ୍ରମୋଦ ସାହୁ, ବିଏସ୍‌ପି ନେତା କୈଳାସ ଶବର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନିର୍ବାଚନ ଉପ ବିଭାଗର ସୁଶାନ୍ତ ଦାସ, ପ୍ରସନ୍ନ ପଣ୍ଡା ସହଯୋଗ କରିଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ଦୋକାନ

କୋଷାଗୁମୁଡ଼ା,୧୦।୧୨(ଡି.ଏନ୍.ଏ.)

କୋଷାଗୁମୁଡ଼ା ବ୍ଲକ ସଦର କୋଡିଙ୍ଗା ମୁଖ୍ୟରାସ୍ତାରେ ଥିବା ଗୁପ୍ତ ପ୍ରସାଦ ମିଶ୍ରଙ୍କ ଇଲେକ୍ଟ୍ରିକାଲ ହାର୍ଡୱେର ଦୋକାନ ଭିତରେ ଶନିବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଜିନିଷ ଜଳିଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଦୋକାନ ବନ୍ଦ ଥିବାବେଳେ ଏହା ଭିତରୁ ଧୂଆଁ ବାହାରୁଥିବା ଦେଖି ଦୋକାନ ମାଲିକଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ଗାଡି ଆସିବା ବେଳକୁ ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିନେଇଥିଲେ।

# ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳିତ

ବିଷମକଟକ,୧୦।୧୨(ଡି.ଏନ୍.ଏ.)

ବିଷମକଟକ ସ୍ଥିତ ମାଁ ମାର୍କମା କଲେଜରେ ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ଶନିବାର ପାଳିତ ହୋଇଯାଇଛି। ବିଷମକଟକ ବାର୍ ଆସୋସିଏଶନର ଆଇନଜୀବୀ ଦିଲୀପ କୁମାର ମହାରଣା ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମାନବାଧିକାର ବିଷୟରେ ବକ୍ତବ୍ୟ ରଖିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନାରେ ଭାଗନେଇଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଦୀପ୍ତିରାଣୀ ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷ କ୍ୟାପ୍‌ଟେନ ବି. ରବିଶଙ୍କର ଏହି ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ରାଜନୀତି ବିଜ୍ଞାନ ଅଧାପକ ବିନନ୍ତ ଡଙ୍ଗରି ଉପସ୍ଥିତ ରହି ମାନବ ଅଧିକାର କିପରି ଉଲ୍ଲଂଘନ ହେଉଛି ସେ ବିଷୟରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ ମହିଳା ଶାଖାର ଅଧିକାରୀ ସସ୍ମିତା ମହାନ୍ତି କାର୍ଯ୍ୟକ୍ରମର ଆବଶ୍ୟକତା ବିଷୟରେ କହିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଓ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ସୁଧୀସାଗର ପରିଚ୍ଛା ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଏସ୍‌ଏଚ୍‌ଜିଙ୍କ ଗାଡ଼ି ଅଟକାଇ ଧାରଣା ଦେଲେ ଅଙ୍ଗନୱାଡ଼ି କର୍ମୀ

## ଏସ୍‌ଏଚ୍‌ଜି ଦ୍ୱାରା କାମ ହାସଲ ଷଡ଼ଯନ୍ତ୍ର ଅଭିଯୋଗ

ମୁନିଗୁଡ଼ା,୧୦।୧୨(ଡି.ଏନ୍.ଏ.)




ବିଭିନ୍ନ ଦାବି ନେଇ ଅଙ୍ଗନୱାଡି କର୍ମୀଙ୍କ ପ୍ରତିବାଦର ସ୍ୱର ଶାଣିତ ହେଉଛି। ଏହି ସମୟରେ ଏହାକୁ ଭଣ୍ଡୁର କରି ଏସ୍‌ଏଚ୍‌ଜିଙ୍କ ଦ୍ୱାରା କାମ ହାସଲ ପାଇଁ ଷଡଯନ୍ତ୍ର ଚାଲିଛି ବୋଲି ୨୧ଦିନ ହେଲା ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ଧାରଣାରେ ବସଥିବା ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ମୁନିଗୁଡ଼ା ଅଙ୍ଗନୱାଡି କର୍ମୀ ସଂଘର ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁ ଓ ସମ୍ପାଦିକା ସୁନିତାରାଣୀ ମିଶ୍ର ପ୍ରତିକ୍ରିୟାରେ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ କହିଛନ୍ତି, ଅଙ୍ଗନୱାଡି କର୍ମୀମାନେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ତୃଣମୂଳ ସ୍ତରରେ କାର୍ଯ୍ୟ କରିଆସୁଛନ୍ତି। ଅନେକ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସେମାନେ କାର୍ଯ୍ୟ କରୁଥିବା ବେଳେ ସରକାର ସେମାନଙ୍କ ସର୍ବନିମ୍ନ ଦାବିକୁ ଦୀର୍ଘଦିନ ଧରି ଅଣଦେଖା କରି ଆସୁଛନ୍ତି। ଏହା ସେମାନଙ୍କ ତେଲେଲୁଣ ସଂସାର ଉପରେ ପ୍ରଭାବ ପକାଉଛି ବୋଲି କ୍ଷୋଭର କହିଛନ୍ତି।

କର୍ମୀମାନେ ଧାରଣାରେ ଥିବାବେଳେ ପ୍ରଶାସନ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା କରାଇ ନେବାକୁ ଷଡଯନ୍ତ୍ର କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ବିଷୟରେ ଅଙ୍ଗନୱାଡି କର୍ମୀମାନେ ସୂଚନା ପାଇ ଶନିବାର ମୁନିଗୁଡା, ଶିବପଦର, ଅମ୍ବାଦଳା, ଜଗଦଲପୁର ଆଦି ୬ ସେକ୍ଟରର ଅଙ୍ଗନୱାଡି କର୍ମୀ ରାଧାକାନ୍ତ ଏସଏସ୍‌ଜି ଗ୍ରୁପ୍ ପକ୍ଷରୁ ଛତୁଆ ବାଣ୍ଟିବା ଗାଡ଼ି ଜଗଦଲପୁର ପଞ୍ଚାୟତରେ ଛତୁଆ ବାଣ୍ଟିବା ପାଇଁ ଯାଉଥିବା ବେଳେ କାଳିକୋଳଥ ଛକ ନିକଟରେ ଅଟକାଇଥିଲେ। ଗାଡ଼ି ଆଗରେ ବସିରହି କର୍ମୀମାନେ ନାରାବାଜି କରିବା ସହ ସେମାନଙ୍କ ଆନ୍ଦୋଳନ ଚାଲିଥିବା ବେଳେ ଏଭଳି ଷଡଯନ୍ତ୍ର କରି ଅଙ୍ଗନବାଡି କର୍ମୀଙ୍କ ନୈତିକ ମନୋବଳ ନ ଭାଙ୍ଗିବାକୁ କର୍ମୀମାନେ ଚେତାବନୀ ଦେଇଛନ୍ତି। ଛତୁଆ ଗାଡିକୁ ଅଙ୍ଗନୱାଡି କର୍ମୀମାନେ ଘେରାଉ କରିଥିବା ଖବର ପାଇ ମୁନିଗୁଡା ବ୍ଲକ ସିଡିପିଓ ଡାଲିମ୍ବ ପ୍ରଧାନ, ଜଗଦଲପୁର ସୁପରଭାଇଜର ରୀନା ରାଉତଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି କର୍ମୀମାନଙ୍କୁ ବୁଝାଶୁଝା କରିଥିଲେ। ତେବେ ଅଙ୍ଗନୱାଡି କର୍ମୀମାନେ ଗାଡି ଆଗକୁ ଛାଡ଼ି ନ ଥିଲେ। ଅନ୍ୟ ଉପାୟ ନ ପାଇ ଛତୁଆ ଗାଡ଼ି ଫେରିଯିବାକୁ ବାଧ ହୋଇଥିଲା। ଆନ୍ଦୋଳନ ସମୟରେ ସମବେଦନା ବଦଳରେ ଏହାକୁ ଭଣ୍ଡୁର କରିବା ପାଇଁ ଯେଉଁ ଘୃଣ୍ୟ ଷଡଯନ୍ତ୍ର କରାଯାଉଛି ତାହା କଟା ଘା'ରେ ଚୂନ ଲାଗିଲା ଭଳି ବୋଲି କର୍ମୀମାନେ ସିଡିପିଓଙ୍କୁ କହିଛନ୍ତି। ଅନ୍ୟପକ୍ଷରେ ସିଡିପିଓ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ କାମ କରୁଥିବା କହିଥିଲେ। ଛତୁଆ ଗାଡ଼ି ଘେରାଉବେଳେ ଅଙ୍ଗନୱାଡି କର୍ମୀ ସଂଘର ସଭାପତି, ସମ୍ପାଦକଙ୍କ ସମେତ ଅନ୍ୟ କର୍ମୀମାନେ ସାମିଲ ଥିଲେ।

## ସଂକ୍ଷେପରେ

### ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଜିଲାସ୍ତରୀୟ ନିଯୁକ୍ତିମେଳା



ମାଲକାନଗିରି,୧୦।୧୨(ଡି.ଏନ.ଏ.)- ମାଲକାନଗିରି ମହାବିଦ୍ୟାଳୟରେ ଶନିବାର ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହ ମେଳାକୁ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା କର୍ମନିଯୋଜନ ଅଧିକାରୀ ମନସ୍ୱୀ ସେଠୀ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିନାଥ ମାଝି, ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ ଷଡ଼ଙ୍ଗୀ, ବରିଷ୍ଠ ଅଧ୍ୟାପିକା ନମିତା ଦଣ୍ଡସେନା ପ୍ରମୁଖ ଯୋଗ ଦେଇ ନିଯୁକ୍ତିମେଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ନିଯୁକ୍ତିମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ଯୋଗଦେଇଥିବା ସଂସ୍ଥାଗୁଡ଼ିକ ମଧ୍ୟରେ କେତେକ କମ୍ପାନୀରେ ସିଧାସଳଖ ନିଯୁକ୍ତି ବ୍ୟବସ୍ଥା ଥିବାବେଳେ କେତେକ କମ୍ପାନୀରେ ସ୍ୱଳ୍ପ ତାଲିମ ପରେ ନିଯୁକ୍ତି ବ୍ୟବସ୍ଥା ରହିଛି। ଜିଲାରେ ବିଭିନ୍ନ ଅଞ୍ଚଳରୁ ୬୪୦ ଜଣ ଯୁବତୀଯୁବକ ଏଥିପାଇଁ ନାମ ପଞ୍ଜୀକରଣ କରିଥିଲେ। ପ୍ରଶିକ୍ଷଣ ନିମନ୍ତେ ୭୭ ଜଣ ଯୁବତୀଯୁବକ ମନୋନୀତ ହୋଇଥିବା ବେଳେ ମେଳାରୁ ୨୫୬ ଜଣ ଯୁବତୀଯୁବକ ଚାକିରି ପାଇଁ ମନୋନୀତ ହୋଇଥିବା ଜଣାପଡ଼ିଛି।

### ବେଆଇନ ଜଙ୍ଗଲ ଜମି ଜବରଦଖଲ ଉଚ୍ଛେଦକଲା ବନ ବିଭାଗ



ମାଲକାନଗିରି,୧୦।୧୨(ଡି.ଏନ୍.ଏ.)- ମାଲକାନଗିରି ସହର ଉପକଣ୍ଠରେ ଥିବା ଗୋୟି ଜଙ୍ଗଲରେ ୭ ପରିବାର ଜଙ୍ଗଲ ଜମିକୁ ଅଧିକାରକରି ବସବାସ କରୁଥିଲେ। ବନ ବିଭାଗର ଏହି ଜମି ହୋଇଥିବାରୁ ଏହାକୁ ଜବରଦଖଲ କରି ଗୃହ ନିର୍ମାଣ କରି ରହୁଥିବା ପରିବାରଙ୍କ ଗୃହ ଶନିବାର ଭାଙ୍ଗିଦେଇଛି ବିଭାଗ। ଜାଗା ଖାଲି କରିବାକୁ ସମ୍ପୃକ୍ତ ପରିବାରଗୁଡ଼ିକୁ ବିଭାଗ ପୂର୍ବରୁ ନୋଟିସ ଜାରି କରିଥିଲେ ମଧ୍ୟ ସେମାନେ ଏହାକୁ ଅବମାନନା କରି ଶୁଣି ନ ଥିଲେ। ଫଳରେ ମାଲକାନଗିରି ବନ ବିଭାଗର ଏକ ଟିମ୍ ଶନିବାର ସେଠାରେ ପହଞ୍ଚି ବାସ କରୁଥିବା ଲୋକଙ୍କ ଗୃହକୁ ଭାଙ୍ଗି ଦେଇଛି। ଜଙ୍ଗଲ ନଷ୍ଟକରି ଘର କରିଥିବାରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ମାଲକାନଗିରି ରେଞ୍ଜର ଜଗନ୍ନାଥ ବିଶୋୟୀ କହିଛନ୍ତି।

### ଆଦର୍ଶ ବିଦ୍ୟାଳୟର ସପ୍ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ବୋରିଗୁମ୍ମା,୧୦।୧୨(ଡି.ଏନ.ଏ.)- କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ତରାଭଙ୍ଗା ଆଦର୍ଶ ବିଦ୍ୟାଳୟର ସପ୍ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରାଜୀବ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୋରିଗୁମ୍ମା ଜିଲା ପରିଷଦ ଜୋନ-୩ର ସଭ୍ୟ ନୃସିଂହନାଥ ଶଥପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ର ଜୀବନରେ କ୍ରୀଡ଼ାର କିଭଳି ମହତ୍ତ୍ୱ ରହିଛି ସେ ନେଇ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ କୁମୁଲି କ୍ଲଷ୍ଟରର ସିଆରସିସି ସୁଶାନ୍ତ ଶଥପଥୀ ଯୋଗ ଦେଇଥିଲେ। କ୍ରୀଡ଼ା ଉତ୍ସବରେ ଅନୁଷ୍ଠିତ କ୍ରୀଡାରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ଏସ.କେ.ସାଜାଦ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ଶଶୀ ଭୂଷଣ ମହାପାତ୍ର ସହଯୋଗ କରିଥିଲେ ।

# ବିରୋଧକଲେ ପୋଲିସ ଭୟ

ବୈପାରିଗୁଡ଼ା,୧୦।୧୨(ଡି.ଏନ୍.ଏ.)




ପିଲାଙ୍କୁ କାର୍ଯ୍ୟରେ ଲଗାଇବା ନେଇ ପ୍ରତିବାଦ ଜଣାଇବାକୁ ବିଦ୍ୟାଳୟ ଆସିଥିବା ଅଭିଭାବକମାନେ।

**ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନନ୍ଦନପାଳ**

- ବିପର୍ଯ୍ୟସ୍ତ ହୋଇପଡ଼ିଛି ଶିକ୍ଷା ବ୍ୟବସ୍ଥା
- ସ୍କୁଲ କାନ୍ଥରେ ଚୂନ ମାରୁଛନ୍ତି ପିଲା
- ବିଧିବଦ୍ଧ ନିର୍ଦ୍ଦେଶ ଆସିଲେ ତଦନ୍ତ କରିବି: ଗୋଷ୍ଠୀ ସାଧନ ସଂଯୋଜକ

ସର୍ବଶିକ୍ଷା ଅଭିଯାନରେ 'ସଭିଏଁ ପଢ଼ିବା, ସଭିଏଁ ବଢ଼ିବା' ସ୍ଲୋଗାନ କୋରାପୁଟ ଜିଲା ବୈପାରିଗୁଡ଼ାରେ କେବଳ ସ୍ଲୋଗାନରେ ରହିଛି। ବୈପାରିଗୁଡ଼ା ବ୍ଲକ କେନ୍ଦୁଗୁଡ଼ା ପଞ୍ଚାୟତ ନନ୍ଦନମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏପରି ଦେଖିବାକୁ ମିଳିଛି। ଏଠାରେ ପିଲାଙ୍କୁ ପାଠ ପଢ଼େଇବା ବଦଳରେ ଶିକ୍ଷକ ସେମାନଙ୍କୁ ସ୍କୁଲ କାନ୍ଥରେ ଚୂନ ଲଗାଇବା କାର୍ଯ୍ୟରେ ନିୟୋଜିତ କରୁଥିବା ଦେଖିବାକୁ ମିଳୁଛି। କେହି ଅଭିଭାବକ ଏହାର ବିରୋଧକଲେ ତାଙ୍କୁ ପୋଲିସ ଲଗାଇ ଘରୁ ଉଠାଇ ନିଆଯାଉଛି।

ଖବରରୁ ଜଣାପଡ଼ିଛି, କେନ୍ଦୁଗୁଡ଼ା ପଞ୍ଚାୟତର ଖରାଗୁଡ଼ା ଗ୍ରାମର ରାମନାଥ ଖିଲଙ୍କ ପୁଅ ଚନ୍ଦନ ନନ୍ଦନମାଳ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢ଼ନ୍ତି। ଗତ କିଛିଦିନ ହେଲା ଚନ୍ଦନଙ୍କ ସହ ଅନ୍ୟ କେତେଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷକମାନେ ପାଠ ପଢ଼ାଇବା ବଦଳରେ ବିଦ୍ୟାଳୟ କାନ୍ଥରେ ଚୂନ ମାରିବା କାର୍ଯ୍ୟରେ ଲଗାଉଛନ୍ତି। ଅନ୍ୟପକ୍ଷରେ ଚନ୍ଦନଙ୍କ ସହପାଠୀ ଶିବ ବାଲିଆଙ୍କୁ ଶିକ୍ଷକମାନଙ୍କ ଖାଇବା ପାଇଁ ଦେଶୀ କୁକୁଡ଼ା ମାରିବା କାର୍ଯ୍ୟରେ ଲଗାଉଥିବା ଶିବଙ୍କ ବାପା ରାମନାଥଙ୍କୁ କହିଥିଲେ। ଏହି ବିଷୟ ପଚାରିବାକୁ ରାମନାଥ ଶୁକ୍ରବାର ବିଦ୍ୟାଳୟକୁ ଯାଇଥିଲେ। ଏହାକୁ ନେଇ ଶିକ୍ଷକମାନଙ୍କ ସହ ସେଠାରେ ତାଙ୍କର ବଚସା ହୋଇଥିଲା। ପରେ ପ୍ରଧାନ ଶିକ୍ଷୟିତ୍ରୀ ଏନେଇ ବୈପାରିଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ରାମନାଥଙ୍କୁ ପୋଲିସ ଘରୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ଘଟଣା ନେଇ ଅନ୍ୟ ଅଭିଭାବକମାନେ ଅସନ୍ତୋଷ ପ୍ରକାଶକରି ଥାନାକୁ ଆସିବାରୁ ଆଗକୁ ଏମିତି ଝଗଡ଼ା ନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇ ରାମନାଥ ଥାନାରୁ ମୁକୁଳିଥିଲେ।

ଶନିବାର ବିଦ୍ୟାଳୟରେ ବୈଠକ ବସିଥିବା ବେଳେ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକୁ ତୀବ୍ର ବିରୋଧ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଙ୍ଗୁଳି ନାୟକଙ୍କ ସମେତ ଅନ୍ୟ ଶିକ୍ଷକ ତଥା ଗୋଷ୍ଠୀ ସାଧନ ସଂଯୋଜକ ଦୁଃଶାସନ ଦୀକ୍ଷିତଙ୍କ ଉପସ୍ଥିତିରେ ବିଦ୍ୟାଳୟରେ ପଢୁଥିବା ଅନିତା ଖିଲ, ଚନ୍ଦନ ଖିଲ, ଦିଲୀପ ହରିଜନ, ମନୋଜ ଖିଲ, ଶିବ ବାଲିଆ, ଦିବାକର ନାୟକ, ଜଗନ୍ନାଥ ଚେଣ୍ଡିଆ, ଅର୍ଜୁନ ପାଲିଗୁଡ଼ିଆ ପ୍ରମୁଖ ଛାତ୍ରୀଛାତ୍ର ପାଠପଢ଼ା ସମୟରେ ସେମାନଙ୍କୁ ବିଦ୍ୟାଳୟ କୋଠରିରେ ଚୂନ ମରା କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଅଭିଯୋଗ କରିଥିଲେ। ବିଦ୍ୟାଳୟର ନିର୍ମଳ ସାର୍ ସେମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରୁଥିବା ଛାତ୍ରମାନେ ସିଧାସଳଖ ଜଣାଇଥିଲେ। ପିଲାଙ୍କ ଅଭିଯୋଗ ଶୁଣି ସମ୍ପୃକ୍ତ ଶିକ୍ଷକ ମଉକା ଦେଖି ବିଦ୍ୟାଳୟରୁ ଲୁଚି ପଳାଇଥିଲେ। ତେବେ ମଧ୍ୟାହ୍ନଭୋଜନ ପରେ ପିଲାମାନେ କିଛି କିଛି କାର୍ଯ୍ୟ କରୁଥିବା ଉପସ୍ଥିତ ଜଣେ ଶିକ୍ଷକ ସଫେଇ ଦେଇଥିଲେ। ଏ ସମ୍ପର୍କରେ ଗୋଷ୍ଠୀ ସାଧନ ସଂଯୋଜକ ଦୀକ୍ଷିତଙ୍କୁ ପଚାରିବାରୁ ତାଙ୍କୁ ବିଧିବଦ୍ଧ ଭାବେ ନିର୍ଦ୍ଦେଶ ଆସିଲେ ସେ ଏହାର ତଦନ୍ତ କରିବେ ବୋଲି ପ୍ରକାଶ କରିଥିଲେ।

### ଜୟପୁରରେ ଅବକାରୀ ଚଢ଼ାଉ, ଜଣେ ଗିରଫ

ଜୟପୁର, ୧୦।୧୨(ନି.ପ୍ର.)

ଜୟପୁରରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦେଶୀମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି । ସେ ହେଲେ ସଦର ଥାନା ଅନ୍ତର୍ଗତ ନିଳାଗୁଡ଼ାର ସୋନୁ ଉଇସା (୨୦)। ସୋନୁ ବାଇକ୍‌ରେ ଦେଶୀମଦ ଧରି ଜୟପୁର ଆସୁଥିବା ସୂଚନା ପାଇ ଅବକାରୀ ବିଭାଗ କର୍ମଚାରୀ ତାଙ୍କୁ ଜୟନଗର ଛକଠାରୁ ଧରିଥିଲେ। ତାଙ୍କଠାରୁ ୨୦ ଲିଟର ଦେଶୀ ମଦ ସହ ବାଇକ ଜବତ ହୋଇଛି। ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ଗୁଣ୍ଡାଗୁଡାରେ ମାଣ୍ଡିଆ କ୍ଷେତ୍ର ଦିବସ ପାଳନ

କୋରାପୁଟ,୧୦।୧୨(ସ୍ୱ.ପ୍ର.)

କୋରାପୁଟ ଜିଲା ଫାର୍ମର୍ସ ଆସୋସିଏଶନ ପକ୍ଷରୁ ଶନିବାର ଗୁଣ୍ଡାଗୁଡାରେ ମାଣ୍ଡିଆ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାଜ୍ୟ କୃଷି ସଚିବ ଡ. ଅରବିନ୍ଦ ପାଢୀ, ସମ୍ମାନିତ ଅତିଥିଭାବେ ଜିଲାପାଳ ଅବଦାଲ ଏମ. ଅଖତାର, ଜିଲା କୃଷି ଅଧିକାରୀ ଏବଂ ଜିଲା ଉଦ୍ୟାନ ଉପନିର୍ଦ୍ଦେଶକ ଯୋଗଦେଇ ମିଲେଟ ମିଶନ ଓ କୋରାପୁଟ ଜିଲା ଫାର୍ମର୍ସ ଆସୋସିଏଶନ ଜରିଆରେ ଚାଷ ହୋଇଥିବା ମାଣ୍ଡିଆର ମାନ ଓ ଏଠାରେ କେତେ ପରିମାଣ ମାଣ୍ଡିଆ ଉତ୍ପାଦନ ହୋଇଛି ତାହାର ସମୀକ୍ଷା କରିଥିଲେ । ଏହି ଅବସରରେ ସଚିବ ମାଣ୍ଡିଆ କ୍ଷେତ ପରିଦର୍ଶନ କରିବା ସହିତ ମାଣ୍ଡିଆ କଟା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ନିମ୍ନମାନର ରାସ୍ତାକାମକୁ ବିରୋଧକରି କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

ଦଶମନ୍ତପୁର,୧୦।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତର ଗାଦିଖାଲ ଗ୍ରାମରେ ଚାଲିଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗକରି ଶୁକ୍ରବାର ଗ୍ରାମବାସୀ ଏହାର କାର୍ଯ୍ୟ ବନ୍ଦ କରିଥିଲେ। ଦଶମନ୍ତପୁର ପଞ୍ଚାୟତ ବାଣ୍ଡୁଆଗୁଡ଼ା ପିଡବ୍ଲ୍ୟୁଡି ରାସ୍ତାରୁ ମୁଣ୍ଡାଖୋଲା ରାସ୍ତା ପର୍ଯ୍ୟନ୍ତ ପ୍ରାୟ ୭ କି.ମି. ଦୂରତା ବିଶିଷ୍ଟ ଏହି ରାସ୍ତା ଉପରେ ୨ଟି ପଞ୍ଚାୟତର ଲୋକ ନିର୍ଭର କରନ୍ତି। ଦୀର୍ଘ ବର୍ଷ ଧରି ଦାବିକରିବା ପରେ ସରକାର ୫ କୋଟି ୨୮ଲକ୍ଷ ୨୯ ହଜାର ୫୭୩ ଟଙ୍କା ବ୍ୟୟ ଅଟକଳରେ ପକ୍କାରାସ୍ତା ପାଇଁ ଅନୁମୋଦନ ଦେଇଥିଲେ। ଏହି କାର୍ଯ୍ୟ ଗୁପ୍ତେଶ୍ୱର କନ୍‌ଷ୍ଟ୍ରକ୍ସନ ନେଇଥିବା ବେଳେ କାର୍ଯ୍ୟ ସମୟରେ କେହି ତଦାରଖ ପାଇଁ ଆସୁ ନ ଥିବାରୁ କାର୍ଯ୍ୟ ନିମ୍ନମାନର ହେଉଥିବା ଜଣାପଡ଼ିଛି। ଏଥିରେ ଅତିଷ୍ଠ ହୋଇ ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିଥିଲେ। ଏହି ସମୟରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା । ରାସ୍ତା ଦାୟିତ୍ୱରେ ଥିବା ଅଧିକାରୀ ନ ଆସିବା ଯାଏ ଆମେ କାମ କରାଇ ଦେବୁ ନାହିଁ ବୋଲି ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ହୁଇକାଙ୍କ ସମେତ ଗ୍ରାମବାସୀ କହିଥିଲେ। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କେଦାର ଦାଶଙ୍କୁ ପଚାରିବାରୁ କାର୍ଯ୍ୟ ଠିକ୍ ଚାଲିଥିବା ସେ କହିଥିଲେ। ସେ କହିଛନ୍ତି, ବର୍ତ୍ତମାନ ସରକାରଙ୍କ ପକ୍ଷରୁ ରାସ୍ତା ନିର୍ମାଣ ନେଇ କେତୋଟି ନିୟମ ଆସିଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତାରେ ପ୍ରଥମେ ଫାଇମର ତେଲ ଦେଲା ପରେ ଶୁଖିଲା ଚିପ୍‌ସ ଉପରେ ପିଚୁ ଢଳାଯିବ। ଭଜା ପିଚୁ ଦେଇ ରୋଲର ମଡ଼ାଯିବ। ଅନ୍ୟପକ୍ଷରେ ପ୍ରଥମେ ପ୍ରିମିକ୍ସ ଓ ସିଲକୋଟ ୧ ଇଞ୍ଚ ବ୍ୟବହୃତ କରାଯାଇ ରୋଲର ସାହାଯ୍ୟରେ ଠିକ୍ ରୂପେ ରାସ୍ତା କାର୍ଯ୍ୟ କରାଯାଉଥିବା ନିୟୋଜିତ ସୁପରଭାଇଜର ହୃଷୀକେଶ ପାତ୍ର କହିଛନ୍ତି।

## ବିଶ୍ୱ ମାନବ ଅଧିକାର ଦିବସ



ବିଶ୍ୱ ମାନବ ଅଧିକାର ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜୟପୁର,୧୦।୧୨(ନି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନବ ଅଧିକାର ଦିବସ ହାନାଗୁଡ଼ାଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସି.ଏଚ୍. ବାସୁଦେବ ପାତ୍ର, ସମ୍ମାନିତ ଅତିଥି ରୂପେ ସ୍ୱତନ୍ତ୍ର ପୋସ୍କୋ କୋର୍ଟର ଅତିରିକ୍ତ ଜିଲା ଜଜ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ସୁମନ ଜେନା ପରିଚାଳନା କରିଥିଲେ। ସ୍ୱତନ୍ତ୍ର ପିପି ଡ. ଗାୟତ୍ରୀ ଦେବୀ ଯୋଗଦେଇ ବିଶ୍ୱ ମାନବ ଅଧିକାର ଉପରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ୧୯୪୮ ଡିସେମ୍ବର ୧୦ରେ ବିଶ୍ୱର ନେତାମାନଙ୍କୁ ନେଇ ଜାତିସଂଘର ସାଧାରଣ ସଭା କରାଯାଇ ମାନବ ଅଧିକାରର ସାର୍ବଭୌମ ଘୋଷଣାପତ୍ରକୁ ଅନୁମୋଦନ କରାଯାଇଥିଲା। ଏହାକୁ ମନେପକାଇବା ଉଦ୍ଦେଶ୍ୟରେ ୧୯୫୦ରୁ ପ୍ରତିବର୍ଷ ଏହିଦିନ ଡିସେମ୍ବର ୧୦କୁ ମାନବ ଅଧିକାର ଦିବସ ରୂପେ ପାଳନ କରାଯାଉଛି। କୋଟପାଡ଼ ସବ୍‌ଜେଲରେ ମଧ୍ୟ ଏହି ଦିବସ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପାଳନ କରାଯାଇଛି। ସୂଚନାଯୋଗ୍ୟ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଦେଖାଯାଇଥିବା ବିଭିନ୍ନ ସମସ୍ୟା ଯଥା ଖାଦ୍ୟ, ବସ୍ତ୍ର, ବାସଗୃହ, ଜଳବାୟୁ, ଧର୍ମ, ଅର୍ଥନୈତିକ, ସାମାଜିକ ଏପରି ଅନେକ ସଙ୍କଟର ସାମ୍ନାକରି ଜନସାଧାରଣ ଜୀବିକା ନିର୍ବାହ କରୁଥିଲେ।

### ଡୁମୁରିପୁଟ ଆର୍‌ସିଏମ୍‌ଏସ୍ ସଭାପତି ଦାୟିତ୍ୱ ଗ୍ରହଣ କଲେ ନାରାୟଣ

କୋରାପୁଟ,୧୦।୧୨(ସ୍ୱ.ପ୍ର)

ଡୁମୁରିପୁଟ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ନୂତନ ସଭାପତି ଭାବେ ନାରାୟଣ ବିଷୋୟୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ଡୁମୁରିପୁଟ ଆରସିଏମ୍‌ଏସ୍‌ର କୋରାପୁଟ ସହରରେ ଥିବା ସମସ୍ତ ଜାଗା ଚିହ୍ନଟ କରି ସେହି ସ୍ଥାନରେ ବ୍ୟବସାୟିକ ଷ୍ଟଲ ନିର୍ମାଣ କରିବା



ତାଙ୍କର ପ୍ରାଥମିକ ଲକ୍ଷ୍ୟ। କେସିସି ବ୍ୟାଙ୍କ ସଭାପତି ତଥା ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ଜିଲା ବିଜୁ ଜନତାଦଳ ମହିଳା ସଭାପତି ପାର୍ବତୀ ମଣ୍ଡି, ନିର୍ଦ୍ଦେଶକ ଗୋପାଳକୃଷ୍ଣ ବେବେର୍ତ୍ତାଙ୍କ ଉପସ୍ଥିତିରେ ବିଷୋୟୀ ଦାୟିତ୍ୱ ଗ୍ରହଣ କରିଥିଲେ। ବାଣିଜ୍ୟ ବୃଦ୍ଧି ପାଇଁ କେସିସି ବ୍ୟାଙ୍କ ପକ୍ଷରୁ ସମସ୍ତ ସହଯୋଗ ରହିବ ବୋଲି ସଭାପତି ପାଣିଗ୍ରାହୀ କହିଥିଲେ।

## ସ୍ୱାଭିମାନ ଅଞ୍ଚଳରେ ଏସ୍‌ଏଚ୍‌ଜି ଗୋଷ୍ଠୀକୁ ଖଲି ତିଆରି ମେଶିନ

ଚିତ୍ରକୋଣ୍ଡା,୧୦।୧୨(ଡି.ଏନ୍.ଏ.)

ଆନ୍ଧ୍ର ଓଡ଼ିଶା ସୀମାନ୍ତ ଆଦିବାସୀ ବହୁଳ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ରାଲେଗା ପଞ୍ଚାୟତ ସାକୃବନ୍ଧାଠାରେ ଏସ୍‌ଏଚ୍‌ଜି ମହିଳାଙ୍କୁ ମାଲକାନଗିରି ଜିଲା ପ୍ରଶାସନ ଓ ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନ ସହାୟତାରେ ଖଲି ତିଆରି ମେଶିନ ପ୍ରଦାନ କରାଯାଇଛି। ଏହି ଦୁର୍ଗମ ଅଞ୍ଚଳର ମହିଳାମାନେ ସ୍ୱାବଲମ୍ବୀ ହେବା ପାଇଁ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସହାୟତାରେ ପିଏ ଆଇଟିଡିଏ ତ୍ରିନାଥ ମାଝିଙ୍କ ଉଦ୍ୟମରେ ଏହା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଚିତ୍ରକୋଣ୍ଡା ବିଡିଓ ରଘୁନାଥ ମୁଣ୍ଡାରିଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ରାଲେଗଡ଼ା ସରପଞ୍ଚ କମଲୁ ହନ୍ତାଳ ଓ ଓଡ଼ିଶା ଜୀବିକା ମିଶନର ବିପିଏମ୍ ଉପସ୍ଥିତ ଥିଲେ। ରାଲେଗଡ଼ା ପଞ୍ଚାୟତ ସାକୃବନ୍ଧା ଗ୍ରାମର ୬ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଙ୍ଗାମାତା, ମା ମାଉଲି, ମା ଲକ୍ଷ୍ମୀ, ଜଗନ୍ନାଥ, ମା' ସରସ୍ୱତୀ ଓ ମାଉଲି ମା' ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଖଲି ତିଆରି ମେଶିନ ପ୍ରଦାନ କରାଯାଇଥିଲା। ସେଇଭଳି ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ଟନେଲ କ୍ୟାମ୍ପ ପଞ୍ଚାୟତ ଟନେଲକ୍ୟାମ୍ପ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀକୁ ମଧ୍ୟ ଖଲି ତିଆରି ମେଶିନ ମିଳିଛି। ଏହି ମେଶିନ ପାଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବହୁତ ଖୁସି ହୋଇଛନ୍ତି। ଏଣିକି ସେମାନେ ଉକ୍ତ ମେଶିନରେ ଖଲି ତିଆରି କରି ବିକି ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଛନ୍ତି । ପୂର୍ବରୁ ସ୍ୱାଭିମାନ ଅଞ୍ଚଳରେ ପ୍ରଶାସନ ହଳଦୀ ଏବଂ ଛତୁଆ ତିଆରି କରିବା ଲାଗି ସହାୟତା ପ୍ରଦାନ କରିଥିଲା। ଏବେ ଖଲି ତିଆରି ମେଶିନ ଦେଇ ପ୍ରଶାସନ ସେମାନଙ୍କୁ ସ୍ୱାବଲମ୍ବୀ ହେବାର ମାର୍ଗଦର୍ଶନ କରିଛି ବୋଲି ପିଏ ଆଇଟିଡିଏ ତ୍ରିନାଥ ମାଝି ଏବଂ ଚିତ୍ରକୋଣ୍ଡା ବିଡିଓ ରଘୁନାଥ ମୁଣ୍ଡାରି କହିଛନ୍ତି ।



ପ୍ରଶାସନ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଥିବା ଖଲି ତିଆରି ମେଶିନ।

## ମାଲକାନଗିରି ମଡେଲ ଡିଗ୍ରୀ କଲେଜରେ ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ମାଲକାନଗିରି,୧୦।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ମଡେଲ ଡିଗ୍ରୀ ମହାବିଦ୍ୟାଳୟରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ପ୍ରାଧିକରଣ ସଚିବ ତଥା ବିଚାରପତି ରାକେଶ ମୁଦୁଲି, ସମ୍ମାନିତ ଅତିଥି ରୂପେ ସିଭିଲ କୋର୍ଟର ବିଚାରପତି ଅରୂପ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଦେବେନ୍ଦ୍ର ନାଥ ବାଘ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ସମ୍ପର୍କରେ ବୁଝାଇ ଏଥିରେ ରହିଥିବା ୩୦ଟି ଅଧିକାର, ସୁରକ୍ଷା ଓ ସ୍ୱାଧୀନତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ତର୍କ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ।

### ଜିଲା ପ୍ରଶାସନିକ ଅଧିକାରୀଙ୍କ ସ୍ୱାଭିମାନ ଅଞ୍ଚଳ ଗସ୍ତ

ଚିତ୍ରକୋଣ୍ଡା,୧୦।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ଆଇଟିଡିଏ ପିଏ ତ୍ରିନାଥ ମାଝି,ଡିଡାଇ ଉନ୍ନୟନ ସଂସ୍ଥା ଡବ୍ଲୁଇଓ ଯୁଗଳ କିଶୋର ରଣସିଂହ ଶୁକ୍ରବାର ସ୍ୱାଭିମାନ ଅଞ୍ଚଳ ଗସ୍ତକରି ଉକ୍ତ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ସ୍ୱାଭିମାନ ଅଞ୍ଚଳର ଆମ୍ଲିବେଡ଼ା, ବାୟାପଡ଼ା ଓ ଯନ୍ତ୍ରୀ ଅଞ୍ଚଳ ଗସ୍ତକରି ଅଧିକାରୀମାନେ ଜନସାଧାରଣଙ୍କୁ ବିଭିନ୍ନ ସମସ୍ୟା ପଚାରି ବୁଝି ଏହାର ସମାଧାନ ଦିଗରେ ଆଲୋଚନା କରିଥିଲେ। ଉକ୍ତ ଅଞ୍ଚଳରେ ଥିବା ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ପାନୀୟ ଜଳ ଓ ଲୋକଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଅଧିକାରୀମାନେ ପଚାରି ବୁଝିଥିଲେ। ଚାଲିଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପରାମର୍ଶ ଦେଇଥିଲେ।

## ମାନବ ଅଧିକାରର ସୁରକ୍ଷା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରକ୍ଷାକରେ

ଜୟପୁର,୧୦।୧୨ (ନି.ପ୍ର.)

ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତିବିଜ୍ଞାନ ବିଭାଗ ଏବଂ ମୋ କଲେଜ ଅଭିଯାନ ମିଳିତ ଆନୁକୂଲ୍ୟରେ 'ବିଶ୍ୱ ମାନବ ଅଧିକାର ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପିକା ଏସ୍. ଜ୍ୟୋସ୍ନା ରାଓ ଅଧ୍ୟକ୍ଷତା କରିଥିଲେ। ଆଲୋଚନାଚକ୍ରରେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ କାହ୍ନୁଚରଣ ବରଡ଼ ଯୋଗଦେଇ ସାର୍ବଜନୀନ ମାନବ ଅଧିକାର ଉତ୍ପତ୍ତି, ସମସ୍ତଙ୍କ ପାଇଁ ସମ୍ମାନ, ସ୍ୱାଧୀନତା ଏବଂ ନ୍ୟାୟ ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ନାଗରିକ ସମାଜ, ଗଣମାଧ୍ୟମ, ଯୁବବର୍ଗଙ୍କ ପରାକାଷ୍ଠା ଓ ଆନ୍ତର୍ଜାତିକ ଆଇନର ଯଥାର୍ଥତା ଉପରେ ମତ ରଖିଥିଲେ। ସେହିପରି ଅଧ୍ୟାପିକା ଗାୟତ୍ରୀ ମହାପାତ୍ର, ଅଧ୍ୟାପକ ଉତ୍ତମ ପାଣିଗ୍ରାହୀ ସାମ୍ପ୍ରତିକ ସମାଜରେ ମାନବ ଅଧିକାର ଆୟୋଗର ଭୂମିକା ଏବଂ ସମ୍ବିଧାନ ପ୍ରଦତ୍ତ ଆଇନଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା କାଜଲ ଗନ୍ତାୟତ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଆଲୋଚନାରେ ୭୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ୨୦ ଜଣ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ।

## ବୃଦ୍ଧଙ୍କ ଆତ୍ମହତ୍ୟା

ଭଞ୍ଜନଗର,୧୦।୧୨(ଡି.,ନ.ଏ)

ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗିରିଶୋଲାର ଧୋବା ଜେନା ଶନିବାର ବେଳରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ ଅଶାନ୍ତିରୁ ସେ ଏହିଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଦେଇଛି। ଏ ନେଇ ନଂ. ୨୮।୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।




ମହିଳା ଓ ବାଳିକା ହିଂସା ବିରୋଧ ପକ୍ଷ ପାଳନ ଅବସରରେ ଉପସ୍ଥିତ ଛାତ୍ରୀ ଓ ମହିଳାମାନେ ।

# ଗଛ ପଡ଼ି ଜାତୀୟ ରାଜପଥ ଅବରୋଧ

ପଟ୍ଟାଙ୍ଗି,୧୦।୧୨(ଡି.ଏନ.ଏ.)

ମାଣ୍ଡୋସ ବାତ୍ୟା ପ୍ରଭାବରେ ଶନିବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ବଡ଼ ଗଛ ପଡ଼ିଯାଇଥିଲା। ଫଳରେ ରାସ୍ତା ଅବରୋଧ ହୋଇ ଦୀର୍ଘ ସମୟ ଧରି ଏହି ରାସ୍ତାରେ କୌଣସି ଗାଡ଼ିମୋଟର ଚଳାଚଳ କରିପାରି ନ ଥିଲା। ଘଟଣାସ୍ଥଳରେ ନିକଟସ୍ଥ ଗ୍ରାମବାସୀ ପହଞ୍ଚି ପଡ଼ି ରହିଥିବା ଗଛକୁ କାଟି ହଟାଇବାକୁ ଚେଷ୍ଟା କରିଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗଛକୁ କାଟି ହଟାଇବା ପରେ ଏହି ରାସ୍ତାରେ ଗାଡ଼ି ମୋଟର ଚଳାଚଳ



ଅଗ୍ନିଶମ କର୍ମଚାରୀମାନେ ଗଛ କାଟି ରାସ୍ତା ଅବରୋଧ ହଟାଉଛନ୍ତି।

ସ୍ୱାଭାବିକ ହୋଇଥିଲା । ମାଣ୍ଡୋସ ବାତ୍ୟା ପ୍ରଭାବରେ ଗତ ୨ ଦିନ ହେଲା ପଟ୍ଟାଙ୍ଗି ବ୍ଲକର ବିଭିନ୍ନ ଗ୍ରାମରେ ବର୍ଷା ସହ ପବନ ଲାଗି ରହିଥିଲା। ରାଜୁଗୁଡ଼ା ଗ୍ରାମ ନିକଟରେ ଥିବା ଏହି ପୁରୁଣା ଗଛଟି ରାଜପଥ ଉପରେ ପଡ଼ିଯାଇଥିଲା ।

**୩ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ**

ରାସ୍ତା ଅବରୋଧ ଦେଖି ନିକଟସ୍ଥ ଗ୍ରାମର ଯୁବଗୋଷ୍ଠୀ ପହଞ୍ଚି ରାସ୍ତା ଉପରୁ ଗଛଟିକୁ ହଟାଇବା ପାଇଁ ଚେଷ୍ଟା କରିଥିଲେ। ଏ ସମ୍ପର୍କରେ ପୋଲିସ ନିକଟରେ କୌଣସି ଖବର ନ ଥିଲା । ଧରିତ୍ରୀ ପ୍ରତିନିଧି ଅଗ୍ନିଶମ ବିଭାଗ ଅଧିକାରୀ ଚିତ୍ତରଞ୍ଜନ ସେଠୀଙ୍କୁ ଜଣାଇବାରୁ ତାଙ୍କ ନେତୃତ୍ୱରେ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ପଡ଼ି ରହିଥିବା ଗଛକୁ କାଟି ହଟାଇଥିଲେ। ପରେ ଏହି ରାସ୍ତାରେ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା ।

